ପ୍ରେସ୍‌ନୋଟ୍

## ଗ୍ରାମାଞ୍ଚଳର ଯୁବକ ଯୁବତୀମାନଂକ ପାଇଁ ଦୀନ ଦୟାଲ ଉପାଧ୍ୟାୟ କୌଶଳ ଯୋଜନାରେ ମଲଟି ଷ୍ଟେକ ହୋଲଡର୍ସ ଦିନିକିଆ କର୍ମଶାଳା ।

ଅନୁଗୋଳ,ତା.୨୪.୮:- ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରାଳୟଙ୍କ ଦ୍ୱାରା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଗରିବରେଖା ତଳେ ଥିବା ଯୁବକ ଯୁବତୀମାନଙ୍କୁ ବିଭିନ୍ନ ଦକ୍ଷତାଭିତିକ ତାଲିମ ପ୍ରଦାନ କରି କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରୁଛି । ଜିଲ୍ଲାର ଏହି ଯୁବକ ଯୁବତୀମାନଂକୁ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରତିଷ୍ଠିତି ସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓରମାସର ଯୁଗ୍ମ ସଚିବ ତଥା ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ଯୁବକ ଯୁବତୀମାନଂକର ଦକ୍ଷତା ବୃଦ୍ଧି କରିବା ଓ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାରେ ଯୋଗ ଦେବା ନିମନ୍ତେ ଆଗ୍ରହ ପ୍ରକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ଏହି କର୍ମଶାଳାରେ ରାଜ୍ୟ ମୁଖ୍ୟ ଶିକ୍ଷା ଟ୍ରଷ୍ଟର ଶ୍ରୀ ଯୋଗୀନାଥ ଦାସ, ବିଷୟବସ୍ତୁ ବିଶେଷଜ୍ଞ ଆଠମଲ୍ଲିକ ବନଖଣ୍ଡର ଶ୍ରୀ ଗିରିଜା ଶଂକର ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଲଳିତ ମୋହନ ବେହେରା, ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭମୟ ଦାସ ପ୍ରମୁଖ ଯୋଗ ଦେଇ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ପୃଷ୍ଠଭୂମୀ ଓ ଏହାର ସଠିକ୍ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମାଞ୍ଚଳର ଗରିବରେଖା ତଳେ ଥିବା ୧୮ ରୁ ୩୫ ବର୍ଷ ବୟସ୍କ ଶିକ୍ଷିତ,ଅର୍ଦ୍ଧ ଶକ୍ଷିତ ଓ ବେକାର ଯୁବକ ଯୁବତୀମାନଙ୍କୁ ମାଗଣାରେ ତାଲିମ ଦେଇ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଘରୋଇ ସଂସ୍ଥାରେ ରୋଜଗାରକ୍ଷମ କରିବା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓରମାସ୍ ତରଫରୁ ଏହି ଯୋଜନାକୁ କାର୍ଯକାରୀ କରାଯାଉଛି । ତାଲିମ ପ୍ରଦାନକାରୀ ସଂସ୍ଥା ତାଲିମ ସମୟରେ ଆବଶ୍ୟକ ସମସ୍ତ ଦାୟିତ୍ୱ ନେବା ସହ ମାଗଣାରେ ଖାଇବା,ରହିବା,ପାଠ୍ୟ ଉପକରଣ ଆଦି ଯୋଗାଇ ଦେଇଥାନ୍ତି । ସେଥିପାଇଁ ଯୁବବର୍ଗ ମାନଙ୍କୁ ସେମାନଙ୍କ ଯୋଗ୍ୟତା ଏବଂ ଆଗ୍ରହ ଆଧାରରେ ଚିହ୍ନଟ ଏବଂ ନାମ ପଞ୍ଜିକରଣ କରିବା ପାଇଁ ପଞ୍ଚାୟତ ତଥା ବ୍ଲକ ସ୍ତରରେ ଆୟୋଜନ ହେଉଛି ପରାମର୍ଶ ଶିବିର । ଏହି ପରାମର୍ଶ ଶିବିରରେ ଯୋଗ ଦେଇଥିବା ତାଲିମ ପ୍ରଦାନକାରୀ ସଂସ୍ଥା ପି.ଆଇ.ଏ ଅଧିକାରୀମାନେ ଆଗ୍ରହୀ ପ୍ରାର୍ଥୀମାନଙ୍କୁ ସେମାନଙ୍କର ବିଭିନ୍ନ ବିଭାଗ (ଟ୍ରେଡ) ପାଠ୍ୟକ୍ରମ ସମ୍ପର୍କରେ ବୁଝାଇବା ସହ ତାଲିମ ପରେ କେଉଁ ସଂସ୍ଥାରେ କେଉଁଠାରେ ନିଯୁକ୍ତି ସୁଯୋଗ ରହିଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥାନ୍ତି , ଯାହାକୁ ଆଧାର କରି ଯୁବକ ଯୁବତୀମାନେ ସେମାନଙ୍କର ଟ୍ରେଡ ଚୟନ କରି ତାଲିମ କେନ୍ଦ୍ରରେ ନାମ ଲେଖାନ୍ତି । ରିଟେଲ୍,ହସ୍‌ପିଟାଲିଟି,ଏସ୍ ଏମ୍ ଓ (sewing machine operator) , ଇଲେକଟ୍ରୋନିକ୍ସ ଆଣ୍ଡ ଇଲେକ୍ଟ୍ରିକାଲ, ହେଲଥ୍ କେୟାର,ବ୍ୟାଙ୍କିଙ୍ଗ ଓ ଫାଇନାନ୍ସ,ଅଟୋମୋବାଇଲ୍ସ ଆଦି ପ୍ରମୁଖ ଟ୍ରେଡରେ ଯୁବବର୍ଗମନେ ତାଲିମ ନେଇଥିନ୍ତି । କ୍ୟାମ୍ପସ ଆଧାରରେ କିଛି ସଂସ୍ଥା ମଧ୍ୟ ପ୍ରାର୍ଥୀ ଚୟନ କରଥାନ୍ତି । ଟ୍ରେଡ ଓ ତାଲିମ ଅବଧି ଆଧାରରେ ସେମାନଙ୍କୁ ମାସିକ ୬ ରୁ ୧୩ ହଜାର ପର୍ଯ୍ୟନ୍ତ ଦରମା ମିଳେ । ଏହି କର୍ମଶାଳାରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲାପରିଷଦର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ଶୈଳେଶ ଚନ୍ଦ୍ର ନାଥଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୮୧ ତା.୨୪.୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


ONE DAY MULTI STAKEHOLDER WORKSHOP
under DDU-GKY
Venue : DRDA CONFERENCE HALL, ANGUL
ORMAS, ANGUL
realme Shot on realme